ଧରିତ୍ରୀ
DHARITRI
ମଙ୍ଗଳବାର, ୧୯ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ମାସିକ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ,୧୮।୩: କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାନେତ୍ରୀ ସ୍ୱର୍ଣ୍ଣମୟୀ ପାଢୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଦିଲୀପ କୁମାର ଚୌଧୁରୀ, ବି. ସତ୍ୟନାରାୟଣ ଆଚାରୀ, ଶାଶ୍ୱତ ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଶରତ କୁମାର ଦାସ, ସୁଧାଞ୍ଜଳି ମିଶ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଜୟରାମ ମହାରଣା, ମାନସ ରଞ୍ଜନ ଦାଶ, ସ୍ୱର୍ଣ୍ଣମୟୀ ପାଢୀ, ଶିବାନୀ କାନ୍ତ ଗୌଡ ଓ ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । କବି ନୀଳକଣ୍ଠ ସାହୁ କବିତା ଗୁଡିକର ସଂଯୋଜନା କରିଥିଲେ । ଡ. ବନମାଳୀ ପାଣିଗ୍ରାହୀ ଏହାର ସମୀକ୍ଷା କରିଥିଲେ। ଅନୁଷ୍ଠାନ ସଦସ୍ୟା ପଦ୍ମିନୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

### ଗଞ୍ଜାମ ଭାଜପାର ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର ଅଫିସ,୧୮।୩: ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ବିୟୋଗରେ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ସୋମବାର ଗାନ୍ଧୀ ନଗର କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି କାହ୍ନୁଚରଣ ପତି ଏଥିରେ ଅଧକ୍ଷତା କରିଥିଲେ। ପାରିକରଙ୍କ ପରଲୋକ ଦ୍ୱାରା ଭାରତୀୟ ଜନତା ପାର୍ଟିର ଅପୂରଣୀୟ କ୍ଷତି ହୋଇଥିବା ଦର୍ଶାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଉପସଭାପତି ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ରଙ୍କ ସମେତ ଶିଶିର ପାଢ଼ୀ, ରବୀନ୍ଦ୍ର ସାହୁ, ନମିତାରାଣୀ ପଣ୍ଡା, ମଦନ ପାତ୍ର, ଅମୂଲ୍ୟ ଚୌଧୁରୀ, ପ୍ରଦୀପ ଶତପଥୀ, ସୁନିଲ ପାତ୍ର ଓ ଅନ୍ୟମାନେ ସ୍ମୃତିଚାରଣ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଇତିହାସ ବିଭାଗ ସ୍ୱତନ୍ତ୍ର ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୧୮।୩: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. ସଦାନନ୍ଦ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ବରିଷ୍ଠ ପ୍ରଫେସର ଭୈରବ ପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗ ପୂର୍ବତନ ପ୍ରଫେସର ଶିଶିର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ରମାକାନ୍ତ ଭୂୟାଁ ଏବଂ ଡ. ଏ. ଶୋଭାରାଣୀ ମଞ୍ଚାସୀନ ଥିଲେ । ଇତିହାସରେ କ୍ରନୋଲୋଜିର ସଂରଚନା, ବିଭାଗୀକରଣ ଉପରେ ମୁଖ୍ୟବକ୍ତା ପ୍ରଫେସର ସାହୁ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ପଣ୍ଡା ଅଷ୍ଟାଦଶ ଶତାବ୍ଦୀର ଜମିଦାରି ପ୍ରଥା ଓ ଖେମୁଣ୍ଡି ଜମିଦାରି ପ୍ରଥା ଉପରେ ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଶଙ୍କର୍ଷଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ବିଭାଗର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।

■ ହିଂସାମୁକ୍ତ ନିର୍ବାଚନ ଉପରେ ଫୋକସ୍

# ଦକ୍ଷିଣାଞ୍ଚଳ ରେଞ୍ଜ ପୋଲିସକୁ ଟାର୍ଗେଟ ଚିନ୍ତା

ବ୍ରହ୍ମପୁର ଅଫିସ,୧୮।୩




■୧୮୭୫ ଫେରାର୍‌ଙ୍କୁ ଧରିବାକୁ ନିର୍ଦ୍ଦେଶ
■ଗିରଫ ହେବେ ୫୨୫ ସ୍ଥାନୀୟ ଗୁଣ୍ଡା

ଚଳିତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ସାରିବା ପାଇଁ ଗୁରୁତ୍ୱ ଦେଉଛନ୍ତି ନିର୍ବାଚନ କମିଶନ। ମୁଖ୍ୟତଃ ହିଂସାମୁକ୍ତ ନିର୍ବାଚନକୁ ଗୁରୁତ୍ୱ ଦିଆଯାଉଛି। ପୋଲିସ କାନ୍ଧରେ ରହିଛି ଏହି ଗୁରୁଦାୟିତ୍ୱ । ଏହାକୁ ନେଇ ବେଶ୍ ତତ୍ପର ହୋଇପଡ଼ିଛି ଗୃହ ବିଭାଗ। ରାଜନୈତିକ ଦୃଷ୍ଟିକୋଣରୁ ଅନ୍ୟତମ ସମ୍ବେଦନଶୀଳ ଅଞ୍ଚଳ ହେଉଛି ଦକ୍ଷିଣ ଓଡ଼ିଶାର ୫ ପୋଲିସ ଜିଲା। ସେଗୁଡ଼ିକ ହେଲା ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ ଓ ବ୍ରହ୍ମପୁର। ଏହି ସମସ୍ତ ଜିଲା ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଅଧୀନରେ ରହିଛି । ବିଶେଷକରି ଗଞ୍ଜାମ ଜିଲାରେ ନିର୍ବାଚନ ସମୟରେ ସର୍ବାଧିକ ବିଶୃଙ୍ଖଳା ଦେଖାଦେଇଥାଏ। ଏଣୁ ଗଞ୍ଜାମ ଜିଲା ସମେତ ଅନ୍ୟ ଜିଲାଗୁଡ଼ିକରେ ଆଇନ ଶୃଙ୍ଖଳାକୁ କଡ଼ାକଡ଼ି କରିବା ପାଇଁ ସକ୍ରିୟ ହୋଇପଡ଼ିଛି ପୋଲିସ। ଅପରାଧୀଙ୍କୁ ଧରିବା ସହ ବେଆଇନ୍ ବନ୍ଧୁକ ଏବଂ ମଦ କାରବାରକୁ ରୋକିବା ପାଇଁ ଜିଲା ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଅନୁଯାୟୀ, ଗତ କିଛି ଦିନ ପୂର୍ବେ ଦକ୍ଷିଣାଞ୍ଚଳ ରେଞ୍ଜର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲା ପୋଲିସକୁ ଟାର୍ଗେଟ୍ ଦିଆଯାଇଛି। ଗଞ୍ଜାମ ଜିଲା ପୋଲିସକୁ ୨୦ ବେଆଇନ ବନ୍ଧୁକ ସମ୍ପର୍କିତ ମାମଲା ରୁଜୁ କରିବାକୁ କୁହାଯାଇଛି। ଗଜପତିକୁ ୩, ବ୍ରହ୍ମପୁରକୁ ୨୦, ବୌଦ୍ଧକୁ ୫ ଏବଂ କନ୍ଧମାଳ ଜିଲା ପୋଲିସକୁ ୧୦ ମାମଲା ରୁଜୁ ପାଇଁ ଟାର୍ଗେଟ୍ ଦିଆଯାଇଛି। ନିର୍ବାଚନ ସମୟରେ ଏହି ବେଆଇନ ବନ୍ଧୁକ ବ୍ୟବହାର ଆପରାଧୀକ କାର୍ଯ୍ୟ କଳାପରେ ଯେମିତି ବ୍ୟବହାର ନ ହୁଏ, ସେଥିପ୍ରତି ସତର୍କ ହୋଇପଡ଼ିଛି ପୋଲିସ। ସେହିଭଳି ବେଆଇନ ମଦ କାରବାର ରୋକିବା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ମଦର ସର୍ବାଧିକ ବ୍ୟବହାର ହୋଇଥାଏ। ଏଣୁ ଅବକାରୀ ଏବଂ ପୋଲିସ ବିଭାଗ ମିଳିତ ଭାବେ ବେଆଇନ୍ ମଦ କାରବାରକୁ ଧରିବ। ଗଞ୍ଜାମ ପୋଲିସ ଜିଲାରେ ୫ଶହଟି ମଦ କାରବାର ସମ୍ପର୍କିତ ମାମଲା ରୁଜୁ କରିବାକୁ ଟାର୍ଗେଟ୍ ଦିଆଯାଇଥିବା ବେଳେ ଗଜପତିକୁ ୭୫, ବ୍ରହ୍ମପୁରକୁ ୨୦, ବୌଦ୍ଧକୁ ୫୦, କନ୍ଧମାଳକୁ ୧୭୫ ଓ ବଲାଙ୍ଗୀରକୁ ମାମଲା ପାଇଁ ଟାର୍ଗେଟ୍ ଦିଆଯାଇଛି । ନିର୍ବାଚନ ସମୟରେ ସ୍ଥାନୀୟ ଗୁଣ୍ଡମାନଙ୍କୁ କେତେକ ପ୍ରାର୍ଥୀ ନିଜ ସପକ୍ଷରେ ପ୍ରଚାର କରିବା ଠାରୁ ଆରମ୍ଭ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭୟଭୀତ କରିବାକୁ ବ୍ୟବହାର କରିଥାନ୍ତି। ଏଣୁ ସ୍ଥାନୀୟ ଗୁଣ୍ଡମାନଙ୍କୁ ଗିରଫ କରିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯିବ । ଯଦି କୌଣସି ସ୍ଥାନରେ ଅସାମାଜିକ କାର୍ଯ୍ୟକଳାପ ଦେଖାଦିଏ, ତେବେ ସେମାନଙ୍କୁ ଗିରଫ କରାଯାଇଥାଏ। ଗଞ୍ଜାମ ପୋଲିସ ଜିଲାକୁ ୩୫୦ଜଣ ଗୁଣ୍ଡାଙ୍କୁ ଗିରଫ କରିବାକୁ କୁହାଯାଇଥିବା ବେଳେ ଗଜପତିକୁ ୨୫, ବ୍ରହ୍ମପୁରକୁ ୧୦୦, ବୌଦ୍ଧକୁ ୩୦ ଏବଂ କନ୍ଧମାଳ ପୋଲିସ ଜିଲାକୁ ୨୦ଜଣ ସ୍ଥାନୀୟ ଗୁଣ୍ଡାଙ୍କୁ ଗିରଫ କରିବାକୁ କୁହାଯାଇଛି ।

ପେସାଦାର ଗୁଣ୍ଡମାନଙ୍କ ଭୂମିକା ମଧ୍ୟ ନିର୍ବାଚନ ସମୟରେ ରହିଥାଏ। ଏହି ପେସାଦାର ଗୁଣ୍ଡାମାନେ ଅନେକ ପୁରୁଣା ମାମଲାରେ ଅଭିଯୁକ୍ତ ଥିଲେ ମଧ୍ୟ ପୋଲିସ ଦ୍ୱାରା ଗିରଫ ହୋଇପାରି ନାହାନ୍ତି। ଫେରାର୍ ଅଛନ୍ତି । ସେମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲୁ) ରହିଥାଏ। ଏଭଳି ଅନେକ ପେସାଦାର ଗୁଣ୍ଡାଙ୍କୁ ଧରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି ପୋଲିସ । ମିଳିଥିବା ସୂଚନା ମୁତାବକ, ଗଞ୍ଜାମ ପୋଲିସ ଜିଲାକୁ ୮ଶହ ଫେରାର୍ ଅଭିଯୁକ୍ତଙ୍କୁ ଧରିବାକୁ ଟାର୍ଗେଟ୍ ରହିଛି। ସେହିଭଳି ଗଜପତି ଜିଲାକୁ ୭୫, ବ୍ରହ୍ମପୁରକୁ ୪ଶହ ଏବଂ କନ୍ଧମାଳ ପୋଲିସ ଜିଲାକୁ ୫୨୦ଜଣ ଏନ୍‌ବିଡବ୍ଲୁଙ୍କୁ ଗିରଫ କରିବାକୁ ଟାର୍ଗେଟ୍ ରହିଛି । ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନସ୍ଥ ୫ ପୋଲିସ ଜିଲାକୁ ନିର୍ବାଚନ ସମୟରେ ବିଭିନ୍ନ ଆପରାଧିକ ମାମଲା ନେଇ ଟାର୍ଗେଟ୍ ଦିଆଯାଇଛି। ତେବେ ଅନେକ ପୋଲିସ ଜିଲା ଏହା ମଧ୍ୟରେ ଟାର୍ଗେଟ୍ ପାଖାପାଖି ପହଞ୍ଚି ଯାଇଥିବା ସୂଚନା ମିଳିଛି । ବିଶେଷକରି ବେଆଇନ୍ ମଦ କାରବାର ରୋକିବା ଏବଂ ବନ୍ଧୁକ ଜବତକୁ ପୋଲିସ ଗୁରୁତ୍ୱ ଦେଉଛି। ଗତ କିଛି ଦିନ ହେଲା ଲଗାତର ଧରପଗଡ଼ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ଗତ ୧୫ତାରିଖରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରେଞ୍ଜ କାର୍ଯ୍ୟାଳୟରେ ଟାର୍ଗେଟ୍‌ର ସମୀକ୍ଷା କରିଥିଲେ। ଅନେକ କ୍ଷେତ୍ରରେ ପୋଲିସ ଟାର୍ଗେଟ୍‌ର ନିକଟତର ହୋଇଥିବା ଯୋଗୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ତଥାପି ଧାର୍ଯ୍ୟ ସମୟ ପୂର୍ବରୁ ଟାର୍ଗେଟ୍ ପୂରଣ କରିବାକୁ ତାଗିଦ୍ କରିଥିଲେ। ନିର୍ବାଚନକୁ ହିଂସାମୁକ୍ତ କରିବାକୁ ସେ ସ୍ୱତନ୍ତ୍ର ଫୋକସ୍ ଦେଇଥିଲେ ।

## ସେଲ୍ଫି କର୍ଣ୍ଣର



କାଜଲ



ସଞ୍ଜୟ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ପଦ୍ମାବତୀ ସ୍ମାରକୀ କ୍ରିକେଟ: ମହମ୍ମଦ, ଖଲ୍ଲିକୋଟ ବିଜୟୀ

ବ୍ରହ୍ମପୁର ଅଫିସ,୧୮।୩




ମନୋରଞ୍ଜନ ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି ।

ବ୍ରହ୍ମପୁର ଷ୍ଟାଡିୟମ୍‌ଠାରେ ଚାଲିଥିବା ଏଲ୍.ପଦ୍ମାବତୀ ସ୍ମାରକୀ କ୍ରିକେଟ ଟ୍ରଫିରେ ସୋମବାର ଖଲ୍ଲିକୋଟ ଏବଂ ମହମ୍ମଦ କ୍ରିକେଟ କ୍ଲବ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍ ଖଲ୍ଲିକୋଟ ଏବଂ ରୟାଲ୍ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଖଲ୍ଲିକୋଟ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ଓଭର୍‌ରେ ଦଳ ୭ ଉଇକେଟ୍ ହରାଇ ୧୯୨ରନ୍ କରିଥିଲା । ବିଜୟାନନ୍ଦ ଦାସ ୪୩, ସୌରଭ ଗୌଡ଼ ୩୪ ଏବଂ ଅମରନାଥ ପଣ୍ଡା ୩୨ରନ୍ କରିଥିଲେ। ରୟାଲ୍ କ୍ରିକେଟ କ୍ଲବ ତରଫରୁ ଶିବ ଗୌଡ଼ ୩, ସୁରେଶ ବେହେରା ୨ ଉଇକେଟ୍ ନେଇଥିଲେ । ଆବଶ୍ୟକ ରନ୍‌ର ପିଛାକରି ରୟାଲ୍ କ୍ରିକେଟ କ୍ଲବ ୧୫ଓଭର୍‌ରେ ୯ ଉଇକେଟ୍ ହରାଇ ମାତ୍ର ୧୦୪ରନ୍ କରି ପରାସ୍ତ ହୋଇଥିଲା। ଶିବ ଗୌଡ଼ ୩୪ ଏବଂ ସଞ୍ଜୟ ମହାରଣା ୨୯ରନ୍ କରିଥିଲେ। ଖଲ୍ଲିକୋଟ ତରଫରୁ ମନୋରଞ୍ଜନ ବାରିକ ୪ ଉଇକେଟ୍ ନେଇଥିଲେ। ଖଲ୍ଲିକୋଟର ମନୋରଞ୍ଜନ ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଡି. ରଜନୀକାନ୍ତ ରେଡ୍ଡୀ ଏବଂ ପ୍ରମୋଦ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । ସତ୍ୟ ନାରାୟଣ ପରିଡ଼ା ସ୍କୋରର ଦାୟିତ୍ୱରେ ଥିଲେ।

ଦ୍ୱିତୀୟ ମ୍ୟାଚ୍ ମହମ୍ମଦ କ୍ରିକେଟ କ୍ଲବ ଏବଂ ଅକ୍ସଫୋର୍ଡ଼ କ୍ଲ ମଧ୍ୟରେ ଖେଳାଯାଇଥିଲା। ମହମ୍ମଦ ପ୍ରଥମେ ବ୍ୟାଟିଂ କରି ୨୦ଓଭର୍‌ରେ ୧୮୫ରନ୍ କରିଥିଲା। ମହମ୍ମଦ ସହବାଜ୍ ୭୩ ଏବଂ ସେକ୍ ରିୟାଜ୍ ୬୦ରନ୍ କରିଥିଲେ। ଅକ୍ସଫୋର୍ଡ଼ର ଅନିଲ ରେଡ୍ଡୀ ୩ ଏବଂ ଭି.ଗୋପୀ ୨ ଉଇକେଟ୍ ନେଇଥିଲେ। ଆବଶ୍ୟକ ରନ୍‌ର ପିଛାକରି ଅକ୍ସଫୋର୍ଡ଼ ୨୦ ଓଭର୍‌ରେ ୮ ଉଇକେଟ୍ ହରାଇ ୧୪୫ରନ୍ କରି ପରାସ୍ତ ହୋଇଥିଲା। ଡେଭିଡ୍ ନିର୍ଭୟ ନାୟକ ୪୨ ଏବଂ ରୋହିତ କୁଣ୍ଟୁ ୨୬ରନ୍ କରିଥିଲେ। ମହମ୍ମଦ ତରଫରୁ ବାବୁ ଖାନ୍ ୩ ଏବଂ ଏୟାଜ୍ ଅହମ୍ମଦ ୨ ଉଇକେଟ୍ ନେଇଥିଲେ। ମହମ୍ମଦ ସାହବାଜ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଡି.ରଜନୀକାନ୍ତ ରେଡ୍ଡୀ ଏବଂ ପ୍ରସନ୍ନ କୁମାର ପାଢୀ ମ୍ୟାଚ୍ ପରିଚାଳନା କରିଥିଲେ ।

### ଯୁକ୍ତ ୨ ଇଚ୍ଛାଧୀନ ଭାଷା ପରୀକ୍ଷାରେ ଧରାପଡିଲେ ୪

ବ୍ରହ୍ମପୁର ଅଫିସ, ୧୮।୩

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଇଚ୍ଛାଧୀନ ଭାଷା ଓଡ଼ିଆ, ସଂସ୍କୃତ, ହିନ୍ଦୀ, ତେଲୁଗୁ ଓ ବଙ୍ଗଳା ପରୀକ୍ଷା ଦକ୍ଷିଣାଞ୍ଚଳର ୧୭୪ପରୀକ୍ଷା କେନ୍ଦ୍ରରେ ସୋମବାର ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସୋମବାର ବିଭିନ୍ନ କେନ୍ଦ୍ରର ୪ ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗରେ ସ୍କ୍ୱାଡ୍ ଦ୍ୱାରା ଧରା ପଡିଛନ୍ତି । ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ରାୟଗଡା ଜିଲା ଗୁଡାରି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ରଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ୍ ହୋଇଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝାଙ୍କ ସୂତ୍ରରୁ ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଆସିକା ଲୋକ ସଭା କ୍ଷେତ୍ର

# ପାଚିକା ପ୍ରମିଳା ବିଶୋୟୀ ବିଜେଡି ପ୍ରାର୍ଥୀ

ବ୍ରହ୍ମପୁର ଅଫିସ,୧୮।୩

**ବିଧାୟିକା ପ୍ରାର୍ଥୀ ହୋଇଛନ୍ତି ଲଡ୍ଡୁଙ୍କ ସ୍ତ୍ରୀ**

ଆସିକା ଲୋକ ସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ସେହି ବ୍ଲକ ଅନ୍ତର୍ଗତ ଚେରମାରିଆ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଚିକା ପ୍ରମିଳା ବିଶୋୟୀ । ସେ ମିଶନ ଶକ୍ତି ସହିତ ସମ୍ପୃକ୍ତ ଅଛନ୍ତି। ଅତୀତରେ ପ୍ରମିଳା ନଳବଣ୍ଟାର ସରପଞ୍ଚ ଥିଲେ। ଅନ୍ୟପକ୍ଷରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱର୍ଗତ ଏମ୍‌ପି ଲଡ୍ଡୁ କିଶୋର ସ୍ୱାଇଁଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନଙ୍କ ଟିକଟ କଟିଛି । ଖଲ୍ଲିକୋଟ ଓ କବିସୂର୍ଯ୍ୟନଗରରୁ ୧୦ ଥର ବିଧାୟିକା ହୋଇଥିବା ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ବିଜେଡି ବାଦ ଦେଇଛି । ଖଲ୍ଲିକୋଟ ସେଗମେଣ୍ଟ ପାଇଁ କେ.କେ. ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ପାଇଁ ଲତିକା ପ୍ରଧାନ ଓ ଛତ୍ରପୁର ପାଇଁ ବର୍ତ୍ତମାନ ଜିଲା ପରିଷଦ ଅଧକ୍ଷ ଥିବା ସୁବାସ ଚନ୍ଦ୍ର ବେହେରାଙ୍କୁ ବିଜେଡି ଟିକେଟ ମିଳିଛି । ସେହିପରି ବ୍ରହ୍ମପୁରରୁ ଲଗାତର ୫ ଥର ବିଧାୟକ ହୋଇଥିବା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ବିଜେଡି ଟିକେଟ ନ ଦେଇ ବିକ୍ରମ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଛି। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ମୋହନା ବିଧାୟିକା ବାସନ୍ତୀ ମଲ୍ଲିକଙ୍କ ଟିକେଟ କଟିଛି ଓ ସେହି ଆସନ ପାଇଁ ପୂର୍ଣ୍ଣବାସୀ ନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଛି । ପାରଳା ରାଜକୁମାରୀ କଲ୍ୟାଣୀ ଦେବୀ ପାରଳାଖେମୁଣ୍ଡି ସେଗମେଣ୍ଟ ପାଇଁ ବିଜେଡି ପ୍ରାର୍ଥୀ ହୋଇଛନ୍ତି । ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କୁ ବାଦ ଦେଇଛି ବିଜେଡି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି । ଆସିକା ଓ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ୫ ମହିଳା ବିଜେଡିର ନୂଆ ପ୍ରାର୍ଥୀ ହୋଇଛନ୍ତି ।

# ଆଜିଠାରୁ ବିଜେଡିର 'ହକ୍ ମାଗୁଛି ଓଡ଼ିଶା' ଅଭିଯାନ

ବ୍ରହ୍ମପୁର ଅଫିସ,୧୮।୩

ଗଞ୍ଜାମ ଜିଲାରେ ଯୁବ ଓ ଛାତ୍ର ବିଜେଡିର ହକ୍ ମାଗୁଛି ଓଡ଼ିଶା ଅଭିଯାନ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ଆରମ୍ଭ ହେବ। ଜିଲାର ୬୯ ଜିଲା ପରିଷଦ ଜୋନ, ବ୍ରହ୍ମପୁର ମହାନଗର, ହିଞ୍ଜିଳି ପୌରାଞ୍ଚଳ ଓ ୧୭ ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ)ରେ ୧୦ ଦିନ ଧରି ଅଭିଯାନ ଚାଲିବ। ୨୦୧୪ ନିର୍ବାଚନରେ ଭାଜପା ପକ୍ଷରୁ ପ୍ରକାଶିତ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ମୋଦି ସରକାର ପାଳନ କରି ନ ଥିବା ଏବଂ ଦେଶବାସୀଙ୍କୁ କିଭଳି ଭୂଆଁ ବୁଲାଇଥିବା ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। ଓଡ଼ିଶା ପ୍ରତି ଏନ୍‌ଡିଏ ସରକାରଙ୍କ ଅଣଦେଖା ନେଇ ଯୁବ ଓ ଛାତ୍ର କର୍ମୀମାନେ ବ୍ୟାପକ ପ୍ରଚାର କରିବେ ଏବଂ ଅଭିଯାନ ପରିପ୍ରେକ୍ଷୀରେ ଓଡ଼ିଶାର ହକ୍ ମାଗିବେ ।

ବ୍ରହ୍ମପୁରସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଯୁବ ବିଜେଡି ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ସଭାପତି ଏନ. ଧନଞ୍ଜୟ ରାଓ । ସେ କହିଛନ୍ତି, ନିଯୁକ୍ତି ପ୍ରତିଶ୍ରୁତି ପ୍ରତାରଣା ହୋଇଥିବାରୁ ରାଜ୍ୟରେ ଗତ ୫ ବର୍ଷରେ ବେକାରି ସଂଖ୍ୟା ବଢ଼ିଛି। ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ରାଜ୍ୟର ସମସ୍ତ କ୍ଷେତ୍ରରେ ଅବହେଳା କରୁଥିବାରୁ ବିକାଶରେ ପ୍ରତିବନ୍ଧକ ଦେଖାଦେଇଛି। ମହାନଦୀ ଜଳ ବିବାଦ ଓ ପୋଲାଭରମ ସମସ୍ୟା ସମାଧାନରେ ଆଖିବୁଜି ଦିଆଯାଇଛି। ଜାତୀୟ ରାଜପଥ, ଟେଲିକମ ଓ ରେଲୱେ କ୍ଷେତ୍ରରେ ଅନ୍ୟାୟ କରାଯାଇଛି । ଉଜ୍ଜ୍ୱଳା କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର ଚାଲିଛି। କୋଇଲା ନିଲାମ କ୍ଷେତ୍ରରେ ୨୦ ହଜାର କୋଟିର ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ର ସରକାର ମାତ୍ର ୩୭୦ କୋଟି ଦେଇଥିବା ରାଓ ଅଭିଯୋଗ କରିଥିଲେ । ସେହିପରି ଦୀର୍ଘବର୍ଷର ଦାବି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁନାହିଁ । ଧାନର ସର୍ବନିମ୍ନ କୁଇଣ୍ଟାଲ ପ୍ରତି ଦର ୨୩୯୦ ଟଙ୍କା ଧାର୍ଯ୍ୟ କରାଯାଉନାହିଁ। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ବୃତ୍ତି ଟଙ୍କା ଦୁଇବର୍ଷ ହେବ ବନ୍ଦ କରାଯାଇଛି । ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଅଭିଯାନ ବେଳେ ପ୍ରଚାର କରାଯିବାର କୁହାଯାଇଛି। ଖବରଦାତା ସମ୍ମିଳନୀରେ ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ସମେତ ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ଜଗଦୀଶ ସାବତ, ତେଜେଶ୍ୱର ସ୍ୱାମୀ ଓ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଯୁବ ବିଜେଡି ଜିଲା ସଭାପତି ଓ ଅନ୍ୟମାନେ।

■ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ

# ସ୍ୱଳ୍ପ କର୍ମଚାରୀଙ୍କ ଉପରେ ଚାପ ପ୍ରୟୋଗକୁ ବିରୋଧ

ବ୍ରହ୍ମପୁର ଅଫିସ,୧୮।୩




ମଞ୍ଚାସୀନ ସଂଘର ନୂତନ କର୍ମକର୍ତ୍ତା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ୪୮ତମ ବାର୍ଷିକ ସାଧାରଣ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସିନେଟ ହଲରେ ଆୟୋଜିତ ବୈଠକରେ ସଭାପତି ସୁଶାନ୍ତ କୁମାର ମହାପାତ୍ର ଅଧକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ଡ. ଶଙ୍କର ମାଝି ବାର୍ଷିକ ବିବରଣୀ ପାଠ କରିଥିଲେ । କର୍ମଚାରୀଙ୍କ ବିଭିନ୍ନ ଦାବି ଉପରେ ବୈଠକରେ ଆଲୋଚନା ହୋଇଥିଲା । ଦୀର୍ଘ ବର୍ଷଧରି ଖାଲି ପଡିଥିବା ପଦବୀ ପୂରଣ, କ୍ୱାର୍ଟରଗୁଡିକର ମରାମତି, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି, ଇପିଏଫ ବକେୟା ପ୍ରଦାନ କରିବା, ଖାଲି ପଡିଥିବା ଟେକ୍ନିକାଲ ପଦବୀ ପୂରଣ, ଅବସର ନେଇଥିବା କର୍ମଚାରୀଙ୍କୁ ସମସ୍ତ ପ୍ରାପ୍ୟ ଓ ରେଗୁଲାର ପେନସନ ପ୍ରଦାନ କରିବା, ଡେମୋନେଷ୍ଟ୍ରେଟରଙ୍କୁ ୟୁଜିସି ହାରରେ ଦରମା ପ୍ରଦାନ ପ୍ରଭୃତି ଦାବି ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିମାସରେ ବିଶ୍ୱବିଦ୍ୟାଳୟର ପୁରାତନ କର୍ମଚାରୀମାନେ ଅବସର ଗ୍ରହଣ କରୁଥିବା ବେଳେ ପ୍ରତିବଦଳରେ ନୂତନ ନିଯୁକ୍ତି ପ୍ରଦାନ କରାଯାଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କ ଉପରେ ମାତ୍ରାଧିକ ଚାପ ପ୍ରୟୋଗକୁ କର୍ମଚାରୀମାନେ ତୀବ୍ର ବିରୋଧ କରିବା ସହ ଏହାର ତୁରନ୍ତ ସ୍ଥାୟୀ ସମାଧାନ କରାଯିବାକୁ ଦାବି କରିଥିଲେ । ଏହି ଅବସରରେ ଚଳିତ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉଦୟନାଥ ସାହୁଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଡ. ଗୌରୀଶଙ୍କର ମହାରଣା କାର୍ଯ୍ୟକାରୀ ସଭାପତି, ମଦନ ମୋହନ ସାହୁ ଓ ରଞ୍ଜିତ କୁମାର ନାୟକ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ସେହିପରି ଦ୍ୱିତୀକୃଷ୍ଣ ବେହେରାଙ୍କୁ ସାଧାରଣ ସମ୍ପାଦକ, ରାଜକିଶୋର ମହାପାତ୍ର ସମ୍ପାଦକ, ନରେନ୍ଦ୍ର କୁମାର ପାତ୍ର ଓ ଗୀତାଞ୍ଜଳି ପଣ୍ଡା ସହ ସମ୍ପାଦକ, ପ୍ରଦୀପ କୁମାର ବେହେରା କୋଷାଧ୍ୟକ୍ଷ, ଅରୁଣ କୁମାର ବିଷୋୟୀ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଶାନ୍ତ ମହାପାତ୍ର, ଡ. ଶଙ୍କର ମାଝି, ଅଶୋକ ଖାଣ୍ଡା, ଡ. ମିହିର ତ୍ରିପାଠୀ, ସତ୍ୟନାରାୟଣ ଶତପଥୀ, ବିଜୟ କୁମାର ବେହେରା, ଭୀମା ରାଓ, ମନମୋହନ ବେହେରା, ସୁଶାନ୍ତ କୁମାର ସାହୁ, ଆଇ. ଲୋକନାଥ, ସୁବାସ ପଣ୍ଡା, ପ୍ରସନ୍ନ କୁମାର ସିଂହ, ଉପେନ୍ଦ୍ର ପାଳ, ମହେଶ ମିଶ୍ର, ସଞ୍ଜୀବ ପ୍ରଧାନ, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ମଣି ବେହେରା, ସୀମାଞ୍ଚଳ ମହାନ୍ତି, ପ୍ରଫୁଲ୍ଲ ମହାରଣା ଓ ଦୀନବନ୍ଧୁ ପାତ୍ର ପ୍ରମୁଖ ଚୟନ ହୋଇଥିଲେ ।

**ଖାଲି ପଦବୀ ତୁରନ୍ତ ପୂରଣ ଦାବି**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୧୯/୨୦୧୯ | Berhampur, Tuesday, March 19/ 2019

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

ଶେରଗଡ଼,୧୮।୩(ଡି.ଏନ.ଏ.)- ଶେରଗଡ଼ ବ୍ଲକ ଆମ୍ବୁଆବାଡ଼ି ଗ୍ରାମରେ ସୋମବାର ରାତ୍ରି ପ୍ରାୟ ସାଢ଼େ ୮ଟାରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନନ୍ଦିନୀ ନାୟକ (୫)। ନନ୍ଦିନୀ କୌଣସି କାମରେ ବାରିପଟକୁ ଯାଇଥିବା ବେଳେ ସାପ କାମୁଡ଼ି ଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଶେରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ନନ୍ଦିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗୁଣିଆ ସନ୍ଦେହରେ ହତ୍ୟା ଘଟଣା

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବାଲିଗୁଡ଼ା,୧୮।୩(ଡି.ଏନ୍.ଏ.)

ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ ଥାନା ଅଧୀନ ପାରିଗଡ଼ ପଞ୍ଚାୟତ ଗୁଡୁମିଲା ଗ୍ରାମର ଗସା ପାଟମାଝିଙ୍କୁ ୨୦୧୭ ଫେବୃୟାରୀ ୮ରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଉକ୍ତ ଗ୍ରାମର ରମେଶ ପ୍ରଧାନ ଓ ସୁବିନା ବଡ଼ସେଟ୍‌ଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସୋମବାର ଅତିରିକ୍ତ ଜିଲା ଦୌରା ଜଜ୍ ଅରବିନ୍ଦ ପଟ୍ଟନାୟକ ଉକ୍ତ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ରମେଶ ଓ ସୁବିନାଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ପ୍ରକାଶ ଯେ, ୨୦୧୭ ଫେବୃୟାରୀରେ ରମେଶ ଓ ସୁବିନା ମିଶି ଗସାଙ୍କୁ ହତ୍ୟା କରି ନିକଟସ୍ଥ ବାଲାପାଙ୍ଗା ଜଙ୍ଗଲରେ ପୋଡ଼ି ଦେଇଥିବା ତାଙ୍କ ଭାଇ ବିଷୟ ପାଟମାଝି ଦୁଇଦିନ ପରେ କୋଟଗଡ଼ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି କୋଟଗଡ଼ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଉକ୍ତ ମାମଲାର ବିଚାର ବାଲିଗୁଡ଼ା ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ଚାଲିଥିଲା। କୋଟଗଡ଼ ଥାନା ଅଧିକାରୀ ୩୩ଜଣଙ୍କ ସାକ୍ଷ୍ୟ ବୟାନକୁ ଭିତ୍ତିକରି ସୋମବାର ବିଚାରପତି ଅରବିନ୍ଦ ପଟ୍ଟନାୟକ ଅଭିଯୁକ୍ତଦ୍ୱୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଓକିଲ ସୁରେନ୍ଦ୍ର କୁମାର ପାତ୍ର ଓ ଲମ୍ବୋଦର ପଣ୍ଡା ମୁଦାଲାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ